# କଟକ ମହାନଗର ନିଗମ ସ୍ୱତନ୍ତ୍ର ବୈଠକ ବିବରଣୀ

**ତା. ୦୯.୦୩.୨୦୧୮ ରିଖ , ସମୟ : ପୂର୍ବାହ୍ନ - ୧୧.୦୦ ଘଟିକା,**

**ସ୍ଥାନ : ବିଶ୍ୱନାଥ ପଣ୍ଡିତ ସମ୍ମିଳନୀ କକ୍ଷ**

ଅଦ୍ୟ ତା ୦୯.୦୩.୨୦୧୮ ରିଖ ପୂର୍ବାହ୍ନ ୧୧.୦୦ ଘଟିକା ସମୟରେ କଟକ ମହାନଗର ନିଗମର ସ୍ୱତନ୍ତ୍ର ଅଧିବେଶନ ନିଗମ ସଭାଗୃହରେ ଅନୁଷ୍ଠିତ ହୋଇଥିଲା । ଏହି ବୈଠକରେ ନିଗମର ମାନ୍ୟବର ମେୟର ଶ୍ରୀଯୁକ୍ତା ମୀନାକ୍ଷୀ ବେହେରା ସଭାପତିତ୍ୱ କରିଥିଲେ ।

## ଉପସ୍ଥିତ ସଭ୍ୟ / ସଭ୍ୟା

**ସର୍ବଶ୍ରୀ**

| | | |
|---|---|---|
| ୧. | ଶ୍ରୀଯୁକ୍ତ ଅଜୟ କୁମାର ବାରିକ, | ଡେପୁଟି ମେୟର, ୱାର୍ଡ଼ ନଂ-୩୬ |
| ୨. | ଶ୍ରୀଯୁକ୍ତ ଚିତ ରଞ୍ଜନ ଦାସ | କର୍ପୋରେଟର, ୱାର୍ଡ଼ ନଂ. – ୦୧ |
| ୩. | ସୁଶ୍ରୀ ଇତିଶ୍ରୀ ବେହେରା, | କର୍ପୋରେଟର, ୱାର୍ଡ଼ ନଂ. – ୦୨ |
| ୪. | ସୁଶ୍ରୀ ସେବତୀ ମାଝି | କର୍ପୋରେଟର, ୱାର୍ଡ଼ ନଂ. – ୦୩ |
| ୫. | ଶ୍ରୀଯୁକ୍ତା ଗିରିବାଳା ବେହେରା | କର୍ପୋରେଟର, ୱାର୍ଡ଼ ନଂ. – ୦୪ |
| ୬. | ଶ୍ରୀଯୁକ୍ତା ସୁପ୍ରିୟା ରାଉତ | କର୍ପୋରେଟର, ୱାର୍ଡ଼ ନଂ. – ୦୫ |
| ୭. | ଶ୍ରୀଯୁକ୍ତା ସଞ୍ଜୁକ୍ତା ସାହୁ | କର୍ପୋରେଟର, ୱାର୍ଡ଼ ନଂ. – ୦୬ |
| ୮. | ଶ୍ରୀଯୁକ୍ତା ନମିତା ବାରିକ | କର୍ପୋରେଟର, ୱାର୍ଡ଼ ନଂ. – ୦୮ |
| ୯. | ଶ୍ରୀଯୁକ୍ତ ବିକାଶ ରଞ୍ଜନ ବେହେରା | କର୍ପୋରେଟର, ୱାର୍ଡ଼ ନଂ. – ୦୯ |
| ୧୦. | ଶ୍ରୀଯୁକ୍ତ ଜ୍ଞାନ ରଞ୍ଜନ ସାଇଁ | କର୍ପୋରେଟର, ୱାର୍ଡ଼ ନଂ. – ୧୦ |
| ୧୧. | ଶ୍ରୀଯୁକ୍ତ ବିଜୟ ଦଳେଇ, | କର୍ପୋରେଟର, ୱାର୍ଡ଼ ନଂ. – ୧୧ |
| ୧୨. | ଶ୍ରୀଯୁକ୍ତ ଶିବ ପ୍ରସାଦ ଦଳାଇ, | କର୍ପୋରେଟର, ୱାର୍ଡ଼ ନଂ. – ୧୨ |
| ୧୩. | ସୁଶ୍ରୀ ପଦ୍ମା ଭୂୟାଁ | କର୍ପୋରେଟର, ୱାର୍ଡ଼ ନଂ. – ୧୩ |
| ୧୪. | ଶ୍ରୀଯୁକ୍ତା ଅଞ୍ଜୁଶ୍ରୀ ଜେନା | କର୍ପୋରେଟର, ୱାର୍ଡ଼ ନଂ. – ୧୪ |
| ୧୫. | ଶ୍ରୀଯୁକ୍ତା ଉଷାରାଣୀ ସାହୁ | କର୍ପୋରେଟର, ୱାର୍ଡ଼ ନଂ. – ୧୫ |
| ୧୬. | ଶ୍ରୀଯୁକ୍ତ ରମଜାନ ଖାନ | କର୍ପୋରେଟର, ୱାର୍ଡ଼ ନଂ. – ୧୬ |
| ୧୭. | ଶ୍ରୀଯୁକ୍ତା ଏ. ଶ୍ରୀଦେବୀ | କର୍ପୋରେଟର, ୱାର୍ଡ଼ ନଂ. – ୧୭ |
| ୧୮. | ଶ୍ରୀଯୁକ୍ତ ଅରୁଣ କୁମାର ସେଠୀ | କର୍ପୋରେଟର, ୱାର୍ଡ଼ ନଂ. – ୧୮ |
| ୧୯. | ସୁଶ୍ରୀ ଚାରୁଲତା ସାହୁ | କର୍ପୋରେଟର, ୱାର୍ଡ଼ ନଂ. – ୧୯ |
| ୨୦. | ଶ୍ରୀଯୁକ୍ତ ଅଜୟ ସାହୁ | କର୍ପୋରେଟର, ୱାର୍ଡ଼ ନଂ. – ୨୦ |
| ୨୧. | ସୁଶ୍ରୀ ଗୌରୀ ଦାସ | କର୍ପୋରେଟର, ୱାର୍ଡ଼ ନଂ. – ୨୧ |
| ୨୨. | ଶ୍ରୀଯୁକ୍ତା ଅନିତା ନାୟକ | କର୍ପୋରେଟର, ୱାର୍ଡ଼ ନଂ. – ୨୨ |

| | | |
|---|---|---|
| ୨୩. | ଶ୍ରୀଯୁକ୍ତ ସେକ୍ ସମିମ୍ ଉଲ୍ଲା | କର୍ପୋରେଟର, ୱାର୍ଡ଼ ନଂ. – ୨୩ |
| ୨୪. | ଶ୍ରୀଯୁକ୍ତ ରଞ୍ଜନ କୁମାର ବିଶ୍ୱାଳ | କର୍ପୋରେଟର, ୱାର୍ଡ଼ ନଂ. – ୨୪ |
| ୨୫. | ଶ୍ରୀଯୁକ୍ତା ପାରୁଲ ଜୟସ୍ୱାଲ | କର୍ପୋରେଟର, ୱାର୍ଡ଼ ନଂ. – ୨୫ |
| ୨୬. | ଶ୍ରୀଯୁକ୍ତା କାଂଚନ ଦାସ | କର୍ପୋରେଟର, ୱାର୍ଡ଼ ନଂ. – ୨୬ |
| ୨୭. | ଶ୍ରୀଯୁକ୍ତା ଇତିଶ୍ରୀ ଦାସ, | କର୍ପୋରେଟର, ୱାର୍ଡ଼ ନଂ. – ୨୭ |
| ୨୮. | ଶ୍ରୀଯୁକ୍ତା ବୈଶାଳୀ ବେହେରା | କର୍ପୋରେଟର, ୱାର୍ଡ଼ ନଂ. – ୨୮ |
| ୨୯. | ଶ୍ରୀଯୁକ୍ତା ମଞ୍ଜୁଲତା ପୃଷ୍ଟି, | କର୍ପୋରେଟର, ୱାର୍ଡ଼ ନଂ. –୨୯ |
| ୩୦. | ସୁଶ୍ରୀ ନମିତା ଦାସ, | କର୍ପୋରେଟର, ୱାର୍ଡ଼ ନଂ. – ୩୦ |
| ୩୧. | ଶ୍ରୀଯୁକ୍ତ ବିଜୟ କୁମାର ସାହୁ | କର୍ପୋରେଟର, ୱାର୍ଡ଼ ନଂ. – ୩୧ |
| ୩୨. | ଶ୍ରୀଯୁକ୍ତା ତଅପୋଇ ଦେଇ @ ସେଠୀ | କର୍ପୋରେଟର, ୱାର୍ଡ଼ ନଂ. – ୩୨ |
| ୩୩. | ଶ୍ରୀଯୁକ୍ତ ମନୋଜ କୁମାର ସେଠୀ, | କର୍ପୋରେଟର, ୱାର୍ଡ଼ ନଂ. – ୩୩ |
| ୩୪. | ଶ୍ରୀଯୁକ୍ତା ନମିତା ମଂଜରୀ ସାହୁ | କର୍ପୋରେଟର, ୱାର୍ଡ଼ ନଂ. – ୩୪ |
| ୩୫. | ଶ୍ରୀଯୁକ୍ତା ଦିପାଳୀବାଳା ଭୂୟାଁ | କର୍ପୋରେଟର, ୱାର୍ଡ଼ ନଂ. – ୩୫ |
| ୩୬. | ଶ୍ରୀଯୁକ୍ତ ଧର୍ମାନନ୍ଦ ପାତ୍ର | କର୍ପୋରେଟର, ୱାର୍ଡ଼ ନଂ. – ୩୬ |
| ୩୭. | ଶ୍ରୀଯୁକ୍ତ ଅନିଲ ନିଳାଦ୍ରୀ , | କର୍ପୋରେଟର, ୱାର୍ଡ଼ ନଂ. – ୩୮ |
| ୩୮. | ଶ୍ରୀଯୁକ୍ତା ସୁଲୋଚନା ସେଠୀ | କର୍ପୋରେଟର, ୱାର୍ଡ଼ ନଂ. – ୩୯ |
| ୩୯. | ଶ୍ରୀଯୁକ୍ତ ଜୟଦେବ ଜେନା, | କର୍ପୋରେଟର, ୱାର୍ଡ଼ ନଂ. – ୪୦ |
| ୪୦. | ଶ୍ରୀଯୁକ୍ତ ହେମନ୍ତ କୁମାର ବେହେରା, | କର୍ପୋରେଟର, ୱାର୍ଡ଼ ନଂ. – ୪୧ |
| ୪୧. | ଶ୍ରୀଯୁକ୍ତ ଚିରଂଜୟ ସାହୁ | କର୍ପୋରେଟର, ୱାର୍ଡ଼ ନଂ. – ୪୨ |
| ୪୨. | ସୁଶ୍ରୀ ପ୍ରମିଳା ମହାନ୍ତି | କର୍ପୋରେଟର, ୱାର୍ଡ଼ ନଂ. – ୪୩ |
| ୪୩. | ଶ୍ରୀଯୁକ୍ତା ଚିତ୍ରା ଖୁଣ୍ଟିଆ | କର୍ପୋରେଟର, ୱାର୍ଡ଼ ନଂ. – ୪୪ |
| ୪୪. | ଶ୍ରୀଯୁକ୍ତା ପ୍ରଳୟା ବେଉରା, | କର୍ପୋରେଟର, ୱାର୍ଡ଼ ନଂ. – ୪୬ |
| ୪୫. | ଶ୍ରୀଯୁକ୍ତା କବିତା ଖଣ୍ଡାୟୀ, | କର୍ପୋରେଟର, ୱାର୍ଡ଼ ନଂ. – ୪୭ |
| ୪୬. | ଶ୍ରୀଯୁକ୍ତ ନିରୋଦ ଚନ୍ଦ୍ର ପଣ୍ଡା, | କର୍ପୋରେଟର, ୱାର୍ଡ଼ ନଂ. – ୪୮ |
| ୪୭. | ଶ୍ରୀଯୁକ୍ତ ଦୟାନିଧି ନାୟକ, | କର୍ପୋରେଟର, ୱାର୍ଡ଼ ନଂ. – ୪୯ |
| ୪୮. | ଶ୍ରୀଯୁକ୍ତା ଦିପ୍ତି ପ୍ରଜ୍ଞା ମହାନ୍ତି, | କର୍ପୋରେଟର, ୱାର୍ଡ଼ ନଂ. – ୫୦ |
| ୪୯. | ଶ୍ରୀମତୀ ମମତା ବେହେରା | କର୍ପୋରେଟର, ୱାର୍ଡ଼ ନଂ. – ୫୧ |
| ୫୦. | ଶ୍ରୀଯୁକ୍ତ ହୃଷିକେଷ ପ୍ରଧାନ, | କର୍ପୋରେଟର, ୱାର୍ଡ଼ ନଂ. – ୫୨ |
| ୫୧. | ଶ୍ରୀଯୁକ୍ତ ପ୍ରଦୀପ କୁମାର ସାମନ୍ତରାୟ | କର୍ପୋରେଟର, ୱାର୍ଡ଼ ନଂ. – ୫୩ |
| ୫୨. | ଶ୍ରୀଯୁକ୍ତା ସୁରେଖା ସାମନ୍ତରାୟ | କର୍ପୋରେଟର, ୱାର୍ଡ଼ ନଂ. – ୫୪ |
| ୫୩. | ଶ୍ରୀଯୁକ୍ତ ବୈଦେଶ୍ୱର ପଣ୍ଡା | କର୍ପୋରେଟର, ୱାର୍ଡ଼ ନଂ. – ୫୫ |
| ୫୪. | ଶ୍ରୀଯୁକ୍ତ ସଂଜୟ କୁମାର ବରାଳ, | କର୍ପୋରେଟର, ୱାର୍ଡ଼ ନଂ. – ୫୬ |
| ୫୫. | ଶ୍ରୀଯୁକ୍ତ ଲଳିତ ଶେଖର ନାୟକ, | କର୍ପୋରେଟର, ୱାର୍ଡ଼ ନଂ. – ୫୭ |

୫୬. ଶ୍ରୀଯୁକ୍ତା ରାଜକୁମାରୀ ସାଇଁ, କର୍ପୋରେଟର, ୱାର୍ଡ଼ ନଂ. – ୫୮

୫୭. ଶ୍ରୀଯୁକ୍ତ ପ୍ରମୋଦ କୁମାର ମହାପାତ୍ର କର୍ପୋରେଟର, ୱାର୍ଡ଼ ନଂ. – ୫୯

## ଉପସ୍ଥିତ ପଦାଧିକାରୀ

| | | |
|---|---|---|
| ୧. | ଶ୍ରୀଯୁକ୍ତ ବିକାଶ ଚନ୍ଦ୍ର ମହାପାତ୍ର | ଆୟୁକ୍ତ |
| ୨. | ଶ୍ରୀଯୁକ୍ତ ରମେଶ ଚନ୍ଦ୍ର ସାଏ | ଅତିରିକ୍ତ ଆୟୁକ୍ତ |
| ୩. | ଶ୍ରୀଯୁକ୍ତ ରାଧାକୃଷ୍ଣ ରାଉତ | ଉପ ଆୟୁକ୍ତ-୧ |
| ୪. | ଶ୍ରୀଯୁକ୍ତ ମନୋଜ କୁମାର ବେହେରା | ଉପ ଆୟୁକ୍ତ-୩ |
| ୫. | ଶ୍ରୀଯୁକ୍ତ ଉମାକାନ୍ତ ଗଡ଼ନାୟକ | ନଗର ଯନ୍ତ୍ରୀ |
| ୬. | ଶ୍ରୀମତି ନମିତା ବିଶ୍ୱାଳ | ସଚିବ |
| ୭. | ଡ଼ଃ ମାନସ ରଂଜନ ସାମନ୍ତରାୟ | ସ୍ୱାସ୍ଥ୍ୟ ଅଧିକାରୀ |
| ୮. | ଶ୍ରୀଯୁକ୍ତ ଉମାକାନ୍ତ ଗଡ଼ନାୟକ | ନଗର ଯନ୍ତ୍ରୀ |
| ୯. | ଶ୍ରୀମତି ତିଲୋତମା ସାହୁ | ଓଏସ୍‌ଡ଼ି |
| ୧୦. | ଶ୍ରୀଯୁକ୍ତ ମନୀସ ସରକାର | ନିର୍ବାହୀ ଯନ୍ତ୍ରୀ -୧ |
| ୧୧. | ଶ୍ରୀଯୁକ୍ତ ଭାଗ୍ୟଧର ସାହୁ | ନିର୍ବାହୀ ଯନ୍ତ୍ରୀ -୨ |
| ୧୨. | ଶ୍ରୀଯୁକ୍ତ ଦିବ୍ୟ ରଞ୍ଜନ ତ୍ରିପାଠୀ | ଉପ ନିର୍ବାହୀ ଯନ୍ତ୍ରୀ |
| ୧୩. | ଶ୍ରୀଯୁକ୍ତ ମହେଶ ପ୍ରସାଦ ମିଶ୍ର | ସହକାରୀ ନିର୍ବାହୀ ଯନ୍ତ୍ରୀ |
| ୧୪. | ଶ୍ରୀଯୁକ୍ତ ନନ୍ଦ କିଶୋର ପାଲ | ସହକାରୀ ନିର୍ବାହୀ ଯନ୍ତ୍ରୀ |
| ୧୫. | ଶ୍ରୀଯୁକ୍ତ ସୁବାଶ ଚନ୍ଦ୍ର ସାହୁ | କନିଷ୍ଠ ଯନ୍ତ୍ରୀ |
| ୧୬. | ଶ୍ରୀଯୁକ୍ତ ବିକ୍ରମ ମିଶ୍ର | ପ୍ରକଳ୍ପ ନିର୍ଦ୍ଦେଶକ, ଜାଇକା |
| ୧୭. | ଶ୍ରୀଯୁକ୍ତ ଭବାନି ଶଙ୍କର ମହାନ୍ତି | ଏସ୍‌ଡ଼ିଓ, ଜନସ୍ୱାସ୍ଥ୍ୟ |
| ୧୮. | ଶ୍ରୀଯୁକ୍ତ ଆର.ଆର. ସାହୁ | ଏସ୍‌ଡ଼ିଓ, ଜନସ୍ୱାସ୍ଥ୍ୟ |
| ୧୯. | ଶ୍ରୀଯୁକ୍ତ ଭବାନି ଶଙ୍କର ମହାନ୍ତି | ଏସ୍‌ଡ଼ିଓ, ଜନସ୍ୱାସ୍ଥ୍ୟ |
| ୨୦. | ଶ୍ରୀଯୁକ୍ତ ଗୋଲକ ପରିଡ଼ା | ପିଏମ୍‌ସି, ଡ୍ରେନେଜ |
| ୨୧. | ସରୋଜ କାନ୍ତ ମିଶ୍ର, | ପି.ଇ. ଡ୍ରେନେଜ |
| ୨୨. | ଶ୍ରୀଯୁକ୍ତ ସାସତ ପ୍ରିୟଦର୍ଶୀ ପତି | ଓପିଟିସିଏଲ |
| ୨୩. | ଅନ୍ୟାନ୍ୟ ଅଧିକାରୀ | ଜାଇକା, ଜନସ୍ୱାସ୍ଥ୍ୟ, ଡ୍ରେନେଜ |

ଏହି ବୈଠକରେ ଚୌଦ୍ୱାର କଟକ ବିଧାନ ସଭା ସଦସ୍ୟଙ୍କ ପ୍ରତିନିଧି ଶ୍ରୀଯୁକ୍ତ ଚୌଧୁରୀ ସୁବ୍ରତ ଘଡ଼ାଇ ଉପସ୍ଥିତ ଥିଲେ ।

ଅଧିବେଶନ ପ୍ରାରମ୍ଭରେ ମେୟର ତଥା ସଭାପତି ବୈଠକରେ ଉପସ୍ଥିତ ଥିବା ଡ଼େପୁଟି ମେୟର, କମିଶନର, ସମସ୍ତ କର୍ପୋରେଟର, ନିଗମର ସମସ୍ତ ଅଧିକାରୀମାନଙ୍କୁ ସ୍ୱାଗତ କରିବା ପରେ ଚଳିତ ୨୦୧୮-୧୯ ଆର୍ଥିକ ବର୍ଷ ବଜେଟ ସମ୍ପର୍କରେ ଆଲୋଚନା କରାଯାଇ ସୁଚିନ୍ତିତ ମତାମତ ଦେବା ସହ ଆବଶ୍ୟକ ସ୍ଥଳେ ପ୍ରସ୍ତୁତ କରାଯାଇଥିବା ବଜେଟରେ ସଂଶୋଧନ କରାଯାଇ ରାଜ୍ୟ ସରକାରଙ୍କ ନିକଟକୁ

ଅନୁମୋଦନ ନିମନ୍ତେ ପତ୍ରାଳପ କରାଯିବାକୁ ପ୍ରସ୍ତାବ ଦେବାସହ ବଜେଟ୍‌କୁ ଉପସ୍ଥାପନ କରାଯିବା ନିମନ୍ତେ ଡ଼େପୁଟି ମେୟରଙ୍କୁ ପରାମର୍ଶ ଦେଇଥିଲେ ।

ସଦସ୍ୟ ଶ୍ରୀଯୁକ୍ତ ଅରୁଣ କୁମାର ସେଠୀ, କର୍ପୋରେଟର ୱାର୍ଡ଼ ନଂ-୧୮ ଚଳିତ ୨୦୧୮-୧୯ ଆର୍ଥିକ ବର୍ଷ ବଜେଟ ଉପରେ ପ୍ରତିକ୍ରିୟା ପ୍ରକାଶ କରି କହିଥିଲେ, ମାନ୍ୟବର ମୁଖ୍ୟମନ୍ତ୍ରୀ ଓଡ଼ିଆ ଭାଷାରେ ସମସ୍ତ କାର୍ଯ୍ୟକୁ ଲେଖାଯିବାକୁ ନିର୍ଦ୍ଦେଶ ଦେଇଥିବା ବେଳେ ନିଗମ ବଜେଟ କପିକୁ ଓଡ଼ିଆ ବଦଳରେ ଇଂରାଜି ଭାଷାରେ ଲିଖିତ କପି କିଭଳି ପ୍ରଦାନ କରାଯାଉଅଛି ଏହା କ'ଣ ମୁଖ୍ୟମନ୍ତ୍ରୀଙ୍କୁ ଅବମାନନା ନୁହେଁ କି ? ତେଣୁ ଆଜିର ବୈଠକକୁ ବର୍ଜନ କରାଯାଇ ଓଡ଼ିଆ ଭାଷାରେ ବଜେଟକୁ ପ୍ରସ୍ତୁତ କରାଯାଇ ସମସ୍ତ କର୍ପୋରେଟରମାନଙ୍କୁ ପ୍ରଦାନ କରାଯିବା ପରେ ପରବର୍ତି ବୈଠକରେ ଆଲୋଚନା କରାଯିବାକୁ ପ୍ରସ୍ତାବ ଦେଇଥିଲେ। ବଜେଟରେ ସ୍ଥାନପାଇଥିବା ତଥ୍ୟ ସତ୍ୟ ଉପରେ ଆଧାରିତ ନୁହେଁ । ଦୀର୍ଘ ୪ ବର୍ଷ ହେବ ୱାର୍ଡ଼ ୱାରୀ ହୋଡ଼ିଂ ତାଲିକା ପ୍ରଦାନ କରିବାକୁ ବାରମ୍ବାର ଦାବି କରିଆସୁଥିଲେ ମଧ ହୋଡ଼ିଂ ତାଲିକା ପ୍ରଦାନ କରାଗଲା ନାହିଁ ଏବଂ ହୋଡ଼ିଂରେ ବହୁ ଘୋଟଲା କରାଯାଇଅଛି । ୨୦୧୪ ମସିହାରୁ ୭/୮ ଗୋଟି ସଂସ୍ଥାଙ୍କ ଠାରୁ ହୋଡ଼ିଂ ବାବଦରେ ଥିବା ବକେୟା ଦେୟ ଆଦାୟ କରାଯାଉନାହିଁ କି ସେମାନଙ୍କ ବିରୁଦ୍ଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନାହିଁ । ଗତବର୍ଷ ହୋଡ଼ିଂ ବାବଦରେ ଧାର୍ଯ୍ୟ କରାଯାଇଥିବା ୧ କୋଟି ୮୦ ଲକ୍ଷ ଟଙ୍କା ମଧ୍ୟରୁ ବକେୟା ଥିବା ୧ କୋଟି ୨୭ ଲକ୍ଷ ଟଙ୍କା ଆଦାୟ କରାଯାଇପାରୁନାହିଁ । ୨୦୧୫-୧୬ ଆର୍ଥିକ ବର୍ଷରେ ୧ କୋଟି ୭୨ ଲକ୍ଷ ଟଙ୍କା ଏବଂ ୨୦୧୬-୧୭ରେ ୧ କୋଟି ୮୯ ଲକ୍ଷ ଟଙ୍କା ବାକି ପଡ଼ିଥିବା ବେଳେ ନିଗମ ୪ କୋଟି ଟଙ୍କା ରାଜସ୍ୱ ହରାଇଛି । ବଜେଟରେ ହୋଡ଼ିଂ ଏବଂ ପ୍ରପର୍ଟି ଟ୍ୟାକ୍ସ କାହିଁକି ଲିପିବଦ୍ଧ କରାଯାଇନାହିଁ । ତତ୍‌କାଳୀନ ଆୟୁକ୍ତ ଜ୍ଞାନ ରଂଜନ ଦାସଙ୍କ ସମୟରେ ହୋଡ଼ିଂରେ ବିଭିନ୍ନ ସଂସ୍ଥାଙ୍କ ଉପରେ ୧ କୋଟି ୨୭ ଲକ୍ଷଟଙ୍କା ବକେୟା ଥିବାରୁ ବୈଠକରେ ନିଷ୍ପତି ଗ୍ରହଣ କରାଯାଇଥିଲା । ଯେଉଁ ମାନଙ୍କ ଉପରେ ବକେୟା ଟିକସ ଅଛି ସେମାନଙ୍କ ଠାରୁ ୨୦ ପ୍ରତିଶତ ଜୋରିମାନା ଆଦାୟ କରାଯିବା ସହ ଯେଉଁ ସଂସ୍ଥା ବକେୟା ଅର୍ଥ ନିଗମକୁ ପ୍ରଦାନ ନକରିବ ସେମାନଙ୍କ ହୋଡ଼ିଂ କଟାଯିବାକୁ ନିର୍ଦ୍ଦେଶ ଦେଇଥିଲେ । ହେଲେ ଉକ୍ତ ପ୍ରସ୍ତାବ ଉପରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଗଲାନାହିଁ । ନିଗମର କେତେକ ଅଂଚଳରେ ପାର୍କିଂସ୍ଥଳ ନିଲାମ କରାଯାଇ ବନ୍ଦ କରାଗଲା । ନିଗମର ଆୟ ବୃଦ୍ଧି କରାନଯାଇ ଟିକସକୁ ହରିଲୁଟ କରାଯାଉଛି ବୋଲି ଅଭିଯୋଗ କରିଥିଲେ । ଉନ୍ନତି ଯୋଜନାରେ ୱାର୍ଡ଼ ୱାରୀ ୫୦ ଲକ୍ଷ ଟଙ୍କା ଅନୁଦାନ ହିସାବରେ ୨୯.୫୦ କୋଟି ଟଙ୍କାରେ ୱାର୍ଡ଼ର କାର୍ଯ୍ୟ କରାଯିବା ନିମନ୍ତେ ନିଷ୍ପତି ଗ୍ରହଣ କରାଯାଇଥିଲେ ମଧ ଚଳିତ ଆର୍ଥିକ ବର୍ଷ ବଜେଟରେ ୧୮ କୋଟି ଟଙ୍କା କିଭଳି ସ୍ଥାନ ପାଇଛି ଏବଂ ଅବଶିଷ୍ଟ ଅର୍ଥ କେଉଁଠାରୁ ଆସିବ । ଆୟ ଓ ବ୍ୟୟରେ କୌଣସି ତାଳମେଳ ନାହିଁ । କେତେକାଂଶରେ ବଜେଟର ଅଟକଳ ଠାରୁ ଅଧିକ ଖର୍ଚ୍ଚ କରାଯାଉଛି ଯାହାକି କାଉନସିଲକୁ ଅବଗତ କରାଯାଉନାହିଁ । ବିନା ମଧବର୍ତି ବଜେଟରେ କିଭଳି ଅଧିକ ବ୍ୟୟ କରାଯାଉଅଛି । କେନ୍ଦ୍ର ସରକାରଙ୍କ ଅମ୍ୟୃତ ଯୋଜନା ଅନୁଦାନରେ ପାର୍କ ଗୁଡ଼ିକ କାର୍ଯ୍ୟ କରାଯାଉଥିଲେ ମଧ ସଠିକ ଢଙ୍ଗରେ କାର୍ଯ୍ୟ କରାଯାଉନାହିଁ । ପାର୍କରେ ପାଣି ନାହିଁ, ଲାଇଟ ନାହିଁ ଏତଦ୍‌ବ୍ୟତୀତ ରାଜ୍ୟ ଏବଂ କେନ୍ଦ୍ର ଉଭୟ ସରକାରଙ୍କ ଅନୁଦାନ ବିଷୟରେ କାହିଁକି ସ୍ପଷ୍ଟିକରଣ ପ୍ରଦାନ କରାଯାଉନାହିଁ । ଆହାର କେନ୍ଦ୍ର ନିମନ୍ତେ ବଜେଟରେ ବ୍ୟବସ୍ଥା କରାଯାଇନାହିଁ ଏବଂ ପୂର୍ବରୁ ବଜେଟରେ ସ୍ଥାନ

ପାଇଥିବା ଅନୁଦାନ ଆସିନାହିଁ, ତେଣୁ ଏହା ଏକ ଚିରାଚରିତ ଅବାସ୍ତବ ବଜେଟରେ କୌଣସି ନୂତନତ୍ୱ ନାହିଁ ବୋଲି ଅଭିଯୋଗ କରିବା ସହ ବୈଠକ ବର୍ଜନ କରିଥିଲେ ।

ସଦସ୍ୟ ଶ୍ରୀଯୁକ୍ତ ବିଜୟ ଦଳେଇ, କର୍ପୋରେଟର, ୱାର୍ଡ଼-୧୧ ଆଲୋଚନାରେ ଅଂଶ ଗ୍ରହଣ କରି କହିଥିଲେ ସଦସ୍ୟ ଶ୍ରୀଯୁକ୍ତ ଅରୁଣ ସେଠୀଙ୍କ ଉକ୍ତିକୁ ସମର୍ଥନ କରି ବଜେଟକୁ ଓଡ଼ିଆ ଭାଷାରେ ସମସ୍ତ କର୍ପୋରେଟରମାନଙ୍କୁ ପ୍ରଦାନ କରାଯିବାକୁ ପ୍ରସ୍ତାବ ଦେଇଥିଲେ ।

ସଦସ୍ୟ ଶ୍ରୀଯୁକ୍ତ ରମଜାନ ଖାନ, କର୍ପୋରେଟର, ୱାର୍ଡ଼-୧୬, ଆଲୋଚନାରେ ଅଂଶ ଗ୍ରହଣ କରି କହିଥିଲେ ଏକା ସମୟରେ ଦୁଇ ଦୁଇ ଗୋଟି ବୈଠକ କାହିଁକି କରାଯାଉଛି, ଯଦି ବୈଠକ ଜରୁରୀଥିଲା ତେବେ ସ୍ୱଚ୍ଛ ସର୍ବେକ୍ଷଣ ବୈଠକକୁ ଅପରାହ୍ନ ସମୟରେ କରାଯାଇପାରିଥାନ୍ତା । ବଜେଟ କପି ସମ୍ପର୍କରେ ଯାହା ଉଦ୍‌ବେଗ ପ୍ରକାଶ କରାଯାଉଛି ସେଥିପାଇଁ ଆସନ୍ତା ୨ ଦିନ ମଧ୍ୟରେ ଓଡ଼ିଆ ଭାଷାରେ ବଜେଟ କପିର ତାଲିକା ସମସ୍ତ କର୍ପୋରେଟରମାନଙ୍କୁ ପ୍ରଦାନ କରାଯିବାକୁ ପ୍ରସ୍ତାବ ଦେଇଥିଲେ ।

ଶ୍ରୀମତୀ ମୀନାକ୍ଷୀ ବେହେରା, ମାନ୍ୟବର ମେୟର ବଜେଟ ସମ୍ପର୍କିତ ଅଭିଯୋଗକୁ ଗୁରୁତ୍ୱର ସହ ବିଚାର କରି ଓଡ଼ିଆ ଭାଷାରେ ବଜେଟ ପ୍ରସ୍ତୁତ କରାଯାଇ ଆସନ୍ତା ୨ ଦିନ ମଧ୍ୟରେ କର୍ପୋରେଟରମାନଙ୍କୁ ପ୍ରଦାନ କରାଯିବାକୁ ବିତ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ ।

ଶ୍ରୀଯୁକ୍ତ ଅଜୟ କୁମାର ବାରିକ ମାନ୍ୟବର ଡ଼େପୁଟି ମେୟର ଆଲୋଚନାରେ ଅଂଶ ଗ୍ରହଣ କରି ୨୦୧୮-୧୯ ଆର୍ଥିକ ବର୍ଷର ବଜେଟକୁ ଗୃହରେ ଉପସ୍ଥାପନ କରାଯିବା ନିମନ୍ତେ ବିତ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେବା ସହ ଓଡ଼ିଆ ଭାଷାରେ ବଜେଟ ପ୍ରସ୍ତୁତ କରାଯାଇ କର୍ପୋରେଟରମାନଙ୍କୁ ପ୍ରଦାନ କରାଯିବା ନିମନ୍ତେ ନିର୍ଦ୍ଦେଶ ଦେଇଥିଲେ । ହୋଡ଼ିଂ ତାଲିକା କର୍ପୋରେଟର ମାନଙ୍କୁ କାହିଁକି ପ୍ରଦାନ କରାଯାଉନାହିଁ, ଯେଉଁ ସଂସ୍ଥାମାନେ ବକେୟା ଦେୟ ପରିଶୋଧ କରୁନାହଁନ୍ତି ସେମାନଙ୍କର ତାଲିକ ଆୟୁକ୍ତ ଜାଣିଛନ୍ତି କି ନାହିଁ, ଉକ୍ତ ତାଲିକାକୁ ୭ ଦିନ ମଧ୍ୟରେ ପ୍ରସ୍ତୁତ କରାଯାଇ ସମସ୍ତ କର୍ପୋରେଟର ମାନଙ୍କୁ ପ୍ରଦାନ କରାଯାଉ ବୋଲି ମତବ୍ୟକ୍ତି କରିଥିଲେ । ଗୃହରେ ଶାନ୍ତି ଶୃଙ୍ଖଳାର ସହ ବଜେଟ ସମ୍ପର୍କରେ ଆଲୋଚନା କରିବା ନିମନ୍ତେ ସମସ୍ତ ସଦସ୍ୟ/ସଦସ୍ୟା ମାନଙ୍କୁ ନିବେଦନ କରିଥିଲେ ।

ଶ୍ରୀଯୁକ୍ତ ରମାକାନ୍ତ ନନ୍ଦ, ବିତ ଅଧିକାରୀ, ଚଳିତ ୨୦୧୮-୧୯ ଆର୍ଥିକ ବର୍ଷର ବଜେଟ ଗୃହରେ ଉପସ୍ଥାପନ କରି ନିଗମର ନିଜସ୍ୱ ଆୟ ବ୍ୟୟର ତଥ୍ୟ ଉପସ୍ଥାପନ କରିଥିଲେ । ଉକ୍ତ ତଥ୍ୟ ଅନୁଯାୟୀ ଚଳିତ ଆର୍ଥିକ ବର୍ଷରେ ନିଗମର ନିଜସ୍ୱ ଆୟ ତଥା ବିଭିନ୍ନ ଅନୁଦାନ ବାବଦରେ ପ୍ରାପ୍ତ ହୋଇଥିବା ଅର୍ଥକୁ ମିଶାଇ ଚଳିତ ବର୍ଷ ମୋଟ ଆୟ ୩୧୫ କୋଟି ଅଟ୍ଟକଳ କରାଯାଇଥିବା ବେଳେ ମୋଟ ବ୍ୟୟ ୩୧୦ କୋଟି ଟଙ୍କା ଅଟ୍ଟକଳ କରାଯାଇଥିବାର ତଥ୍ୟ ଉପସ୍ଥାପନ କରିଥିଲେ ।

ସଦସ୍ୟା ଶ୍ରୀମତୀ ଗିରିବାଳା ବେହେରା, ଆଲୋଚନାରେ ଅଂଶ ଗ୍ରହଣ କରି ସ୍ୱତନ୍ତ୍ର ବୈଠକରେ ସମସ୍ତଙ୍କୁ ସ୍ୱାଗତ ଜଣାଇବା ସହ ଉପସ୍ଥାପନ କରାଯାଇଥିବା ବଜେଟ ଉପରେ ପ୍ରତିକ୍ରିୟା ପ୍ରକାଶ କରି, ଚଳିତ ବର୍ଷ ବଜେଟରେ କୌଣସି ନୂତନତ୍ୱ ନଥିବା ବେଳେ ବଜେଟ ପ୍ରସ୍ତୁତିରେ ଆୟ ବ୍ୟୟର ତାଳମେଳ ନାହିଁ । ନିଗମରେ ହୋଡ଼ିଂ ବାବଦରେ ୨୦୧୭-୧୮ ଆର୍ଥିକ ବର୍ଷରେ ୨ କୋଟି ୫୦ ଲକ୍ଷ ଧାର୍ଯ୍ୟ କରାଯାଇଥିବା ବେଳେ ୧ କୋଟି ୩୨ ଲକ୍ଷ ୯ ମାସରେ ଆଦାୟ କରାଯାଇଛି । କିଭଳି ଭାବେ ୨୦୧୮-୧୯ ଆର୍ଥିକ ବର୍ଷରେ ୫ କୋଟି ଟିକସ ଆଦାୟ କରାଯାଇପାରିବ ତାହା ଅବାସ୍ତବ ଲାଗୁଛି । ବ୍ୟବହାରିକ ଟିକସ

ମଧ୍ୟ୧୩ ପ୍ରତିଶତ  ଯଥା ୧୪ ଲକ୍ଷ ଆଦାୟ କରାଯାଇଥିବା ବେଳେ ରେଣ୍ଟାଲ ଆୟରେ ୨୦୧୭-୧୮ ଆର୍ଥିକ ବର୍ଷରେ ଧାର୍ଯ୍ୟଲକ୍ଷ ୭ କୋଟି ଠାରୁ ବହୁ ଦୁରରେ ୯ ମାସ ମଧ୍ୟରେ ମାତ୍ର ୧ କୋଟି ୮୫ ଲକ୍ଷ ଟଙ୍କା ଆଦାୟ କରାଯାଇଥିବା ବେଳେ Conservancyରେ ୯ ମାସ ମଧ୍ୟରେ ୧ ପ୍ରତିଶତ ମଧ୍ୟ ଆଦାୟ କରାଯାଇପାରିନାହିଁ । ଅନୁଦାନ ବାବଦରେ ୧୯ କୋଟି ଧାର୍ଯ୍ୟ କରାଯାଇଥିବା ବେଳେ ମାତ୍ର  ୫୪ ପ୍ରତିଶତ ଅର୍ଥ ହସ୍ତଗତ ହୋଇଛି । କୁକୁର ବନ୍ଧ୍ୟାକରଣ କାର୍ଯ୍ୟକ୍ରମରେ କୌଣସି ଅର୍ଥ ଖର୍ଚ୍ଚ କରାଯାଇନାହିଁ । ସ୍ୱଛ ଭାରତ ଯୋଜନା ସମ୍ପୁର୍ଣ୍ଣ ଫେଲ ମାରିଛି । କଟକ ସହରର ବିପର୍ଯ୍ୟସ୍ତ ଅବସ୍ଥା ଆସିଯାଇଛି । Conservancy ରେ ବିଗତ ୯ ମାସ ମଧ୍ୟରେ ୧୨.୩୦ଲକ୍ଷ ଅଟକଳ ମୂଲ୍ୟ ରୁ କୌଣସି ଅର୍ଥ ଖର୍ଚ୍ଚ କରାଯାଇନାହିଁ, ଏଥି ପାଇଁ ଦାୟୀ କିଏ । ଅଧିକାରୀମାନଙ୍କ ପାରିବା ପଣିଆ ଉପରେ ପ୍ରଶ୍ନବାଚୀ ସୃଷ୍ଟି ହେଉଛି । କାଗଜ କଲମରେ ବଜେଟ ପାରିତ କରିଦେଲେ ହେବ ନାହିଁ । ମଶା ନିୟନ୍ତ୍ରଣ, ରାସ୍ତାଘାଟ, ଆଲୋକୀକରଣ ଆଦି କ୍ଷେତ୍ରରେ ନିଗମ ସମ୍ପୂର୍ଣ୍ଣ ଫେଲ ମାରିଥିବାରୁ ଏହି ବଜେଟକୁ ବିରୋଧ କରିବା ସହ କକ୍ଷତ୍ୟାଗ କରିଥିଲେ ।

ଶ୍ରୀଯୁକ୍ତ ରଂଜନ କୁମାର ବିଶ୍ୱାଳ, ଅଧ୍ୟକ୍ଷ ପବ୍ଲିକ ହେଲଥ ଷ୍ଟାଣ୍ଡିଙ୍ଗ କମିଟି, ଆଲୋଚନାରେ ଅଂଶ ଗ୍ରହଣ କରି  ମତବ୍ୟକ୍ତ କରିଥିଲେ ଯେ ବଜେଟରେ ପ୍ରଦାନ କରାଯାଇଥିବା ଆୟ ବ୍ୟୟର ସରଳୀ କରଣ କରାଯାଇ ଗୃହରେ ଉପସ୍ଥାପନ କରାଯାଉ । ୨୦୧୭-୧୮ ଆର୍ଥିକ ବର୍ଷର ଲକ୍ଷ ଧାର୍ଯ୍ୟ ଅନୁଯାୟୀ ନିଗମ କେତେ ଆୟ ଏବଂ ବ୍ୟୟ କରିଛି ତାହାର ସମ୍ପୁର୍ଣ୍ଣ ବିବରଣୀ ପ୍ରଦାନ କରାଯାଉ । ନିଗମର ନିଜସ୍ୱ  ଆୟ ଚଳିତ ବର୍ଷରେ କେତେ ଆଦାୟ ହୋଇ ପାରିଛି ତଥା ସରକାରୀ ଅନୁଦାନ ବାବଦରେ କେତେ ପ୍ରାପ୍ତ ହୋଇଛି ତାହାର ତଥ୍ୟ ଜାଣିବା ପରେ ସେହି ଅନୁପାତରେ ୨୦୧୮-୧୯ ଆର୍ଥିକ ବର୍ଷରେ  ଆୟ ବୃଦ୍ଧି କରିବା ନିମନ୍ତେ ନିର୍ଣ୍ଣାୟକ ସ୍ଥଳରେ ପହଁଚିପାରିବା ବୋଲି ମତବ୍ୟକ୍ତ କରିଥିଲେ । ବିଗତ ବର୍ଷରେ କେତେକ ଗୁରୁତ୍ୱପୁର୍ଣ୍ଣ କାର୍ଯ୍ୟ କରାଯିବା ନିମନ୍ତେ ବଜେଟରେ ସ୍ଥାନ ପାଇଥିଲେ ମଧ୍ୟ କାର୍ଯ୍ୟକାରୀ କରାଯାଇପାରିଲା ନାହିଁ । ବିଜୁ ଭବନ ନିକଟରେ ନୁତନ ସ୍ୱାସ୍ଥ୍ୟଗୃହ ଏବଂ ବିଜୁ ପଟ୍ଟନାୟକଛକ ମାର୍କେଟ ଗୃହର ପୁର୍ନରୁଦ୍ଧାର କାର୍ଯ୍ୟ କରାଯାଇ ପାରିଲାନାହିଁ । ତାହା କିଭଳି କାର୍ଯ୍ୟକାରୀ କରାଯାଇପାରିବ ସେ ଦିଗରେ ଗୁରତ୍ୱଦେବାକୁ ମତବ୍ୟକ୍ତ କରିଥିଲେ । ନିଗମ ଅଂଚଳରେ ଓ୍ୱାର୍ଡ଼ଓ୍ୱାରୀ କେତେ ହୋଡ଼ିଂ ଲାଗିଛି ତାହାର ତାଲିକା ପ୍ରତ୍ୟେକ କର୍ପୋରେଟରମାନଙ୍କୁ ପ୍ରଦାନ କରାଯିବା ନିମନ୍ତେ ବାରମ୍ୱାର ପ୍ରସ୍ତାବ ଦିଆଯାଇଥିଲେ ମଧ୍ୟ କାହିଁକି ତାଲିକା ପ୍ରଦାନ କରାଯାଉନାହିଁ । ବିନା ଲାଇସେନ୍ସରେ ବିଭିନ୍ନ ସଂସ୍ଥାମାନଙ୍କର ବେଆଇନ ହୋଡ଼ିଂ ଲାଗିଛି କିନ୍ତୁ ସର୍ଭେ କରାଯାଉନାହିଁ । ଆସନ୍ତା ବୈଠକରେ ତାଲିକା ପ୍ରଦାନ କରାନଗଲେ ବାଧ୍ୟ ହୋଇ ହୋଡ଼ିଂ ଗୁଡ଼ିକୁ ନିଜେ କାଟିବୁ ବୋଲି କ୍ଷୋଭର ସହିତ କହିଥିଲେ । ନିଗମ ଅଂଚଳରେ କେତେକ ଅର୍ଦ୍ଧ ନିର୍ମିତ କାର୍ଯ୍ୟକୁ ସମ୍ପନ୍ନ କରାଯିବା ସହିତ ବିଭିନ୍ନ ଓ୍ୱାର୍ଡ଼ରେ ଥିବା ଖାଲି ଜାଗା ମାନଙ୍କରେ କଲ୍ୟାଣ ମଣ୍ଡପ ଏବଂ ମାର୍କେଟ କମ୍ପ୍ଲେକ୍ସ ଆଦି ନିର୍ମାଣ ନିମନ୍ତେ ବଜେଟରେ ସ୍ଥାନ  ଦିଆଯିବା ସହିତ କାର୍ଯ୍ୟକାରୀ କରାଯାଇ ପାରିଲେ ନିଗମର ନିଜସ୍ୱ ଆୟ ବୃଦ୍ଧି ହୋଇପାରିବ ବୋଲି ପ୍ରସ୍ତାବ ଦେଇଥିଲେ ।

ଆଲୋଚନାରେ ଅଂଶ ଗ୍ରହଣ କରି ସଦସ୍ୟ ଶ୍ରୀଯୁକ୍ତ ହୃଷିକେଶ ପ୍ରଧାନ ବଜେଟ ଅଧିବେଶନକୁ ସ୍ୱାଗତ ଜଣାଇ ବିତ ଅଧିକାରୀଙ୍କ ଦ୍ୱାରା ଉପସ୍ଥାପନା କରାଯାଇଥିବା ବଜେଟ ଉପରେ ପ୍ରତକ୍ରିୟା ପ୍ରକାଶ କରି କହିଥିଲେ ୨୦୧୮-୧୯ ଆର୍ଥିକ ବର୍ଷର ବଜେଟରେ କିଛି ନୂତନତ୍ୱ ନାହିଁ କେବଳ ଗତ ୨୦୧୭-୧୮ ଆର୍ଥିକ ବର୍ଷ ବଜେଟକୁ ଅନୁଧ୍ୟାନ କରାଯାଇ

୧୦ ପ୍ରତିଶତ ବୃଦ୍ଧି କରାଯାଇଛି । ନିଗମର ନିଜସ୍ୱ ଆୟ ବୃଦ୍ଧି କରାଯିବା ନିମନ୍ତେ କୌଣସି ଆଖି ଦୃଷିଆ ପଦକ୍ଷେପ ଗ୍ରହଣ କରାଯାଇନାହିଁ । ତେଣୁ ବଜେଟରେ କେତେକ ନୂତନ ପ୍ରସ୍ତାବ ସ୍ଥାନ ଦେବା ପାଇଁ ପ୍ରସ୍ତାବ ଦେଇଥିଲେ । ନିଗମ ଅଂଚଳରେ ପ୍ରତ୍ୟେକ ୱାର୍ଡ଼ ୱାରୀ ହୋଡ଼ିଂ ତାଲିକା ପ୍ରଦାନ କରାଯିବାକୁ ବୈଠକର ବିବରଣୀରେ ସ୍ଥାନ ପାଇଥିଲେ ମଧ୍ୟ ତାହାକୁ ପ୍ରଦାନ କରାଯାଇନାହିଁ । ବିଭିନ୍ନ ସଂସ୍ଥା ନାମ ବଦଳାଇ ହୋଡ଼ିଂ ଲଗାଉଛନ୍ତି, ସେଗୁଡ଼ିକ ସର୍ଭେ କରାଯାଇ କଟା ଯିବା ସହିତ ବକେୟା ଥିବା ସଂସ୍ଥାମାନଙ୍କର ଲାଇଇସେନ୍ସ ନାକଚ କରାଯିବାକୁ ପ୍ରସ୍ତାବ ଦେଇଥିଲେ । ସେହିପରି ବଜେଟରେ କମ୍ ଆୟ ଅଟ୍ଟକଳ ଉପସ୍ଥାପନା କରାଯାଇ କିଭଳି ଭାବେ ଅଧିକ ବ୍ୟୟ କରାଯାଉଛି । ଯେଉଁ ଅତିରିକ୍ତ ଅର୍ଥ ଖର୍ଚ୍ଚ କରାଯାଉଛି ତାହା କେଉଁଠାରୁ ଆସୁଛି ଏବଂ ବିନା ମଧ୍ୟବର୍ତି ବଜେଟ ଓ ଗୃହର ବିନା ଅନୁମୋଦନରେ କିଭଳି ଓ କାହା ନିର୍ଦ୍ଦେଶରେ ଖର୍ଚ୍ଚ କରାଯାଉଛି ତାହାର ସ୍ପଷ୍ଟିକରଣ ବିତ ଅଧିକାରୀ ଓ ଆୟୁକ୍ତଙ୍କ ଠାରୁ ଜାଣିବାକୁ ଚାହିଁଥିଲେ । Exposure Visit ନିମନ୍ତେ ବାରମ୍ବାର ବୈଠକରେ ଆଲୋଚନା କରାଯାଇ ବିଭିନ୍ନ ଷ୍ଟାଣ୍ଡିଙ୍ଗ କମିଟି ତଥା ପରିଷଦ ବୈଠକରେ ପାରିତ କରାଯାଉଥିଲେ ମଧ୍ୟ କାହିଁକି କର୍ପୋରେଟର ମାନଙ୍କୁ Exposure Visit ପଠାଯାଉନାହିଁ । ସେଥିପାଇଁ କ'ଣ ପଦକ୍ଷେପ ନେବା ସହିତ ବଜେଟରେ ସ୍ଥାନ ଦେବା ନିମନ୍ତେ ପ୍ରସ୍ତାବ ଦେଇଥିଲେ । ନିଗମ ଅଂଚଳରେ ଥିବା ନିଗମର ନିଜସ୍ୱ ଦୋକାନ ଗୃହ ତଥା କ୍ୱାଟର ଗୁଡ଼ିକର ଭଡ଼ା ବୃଦ୍ଧି ଯାଗାରେ ବର୍ଷକୁ ବର୍ଷ କମି କମିଯାଉଥିବାର ତଥ୍ୟ ବଜେଟରେ ସ୍ଥାନ ପାଇଥିବାର ଅବଗତ କରାଇଥିଲେ । ସେହିପରି ନିଗମର ନିଜସ୍ୱ ଦୋକାନଘର ଗୁଡ଼ିକ ନେଇଥିବା ଅନେକ ହିତାଧିକାରି ମାନେ ଭଡ଼ା ଦେଉନଥିବା ବେଳେ କିଛି ହିତାଧିକାରି ଏହାକୁ Sub-Let କରି ହଜାର ହଜାର ଟଙ୍କା ଆଦାୟ କରୁଛନ୍ତି ବୋଲି କମିଶନରଙ୍କ ଦୃଷ୍ଟି ଆକର୍ଷଣ କରିବା ସହ ଦୋକାନ ଗୃହ ଗୁଡ଼ିକର ଚୁକ୍ତିନାମାକୁ ନବୀକରଣ କରାଯାଇ ଭଡ଼ା ବୃଦ୍ଧି କରାଯିବା ନିମନ୍ତେ ପ୍ରସ୍ତାବ ଦେଇଥିଲେ ।

ଶ୍ରୀଯୁକ୍ତ ଜୟଦେବ ଜେନା, କର୍ପୋରେଟର, ୱାର୍ଡ଼ ନଂ-୪୦ ଆଲୋଚନାରେ ଅଂଶ ଗ୍ରହଣ କରି କହିଥିଲେ ଗତ ପରିଷଦ ବୈଠକରେ ଆଗତ ପ୍ରସ୍ତାବ ମୁତାବକ ନିଗମରେ କାର୍ଯ୍ୟକରି ଅବସର ଗ୍ରହଣ ବା ମୃତ୍ୟୁ ବରଣ କରିଥିବା କର୍ମଚାରୀମାନଙ୍କୁ ବକେୟା ପ୍ରାପ୍ୟ ବର୍ଷ ବର୍ଷ ଧରି ପ୍ରଦାନ କରାଯାଉନାହିଁ । ଫଳରେ ବର୍ଷ ବର୍ଷ ଧରି ସେମାନେ ନିଗମକୁ ଦୌଡ଼ି ଦୌଡ଼ି ଦୁଖଃ ଓ ଦୁର୍ଦ୍ଦିନରେ କାଳାତିପାତ କରୁଥିବା ବେଳେ ସେମାନଙ୍କ ମଧ୍ୟରୁ କେତେକ କର୍ମଚାରୀ ମୃତ୍ୟୁବରଣ କରି ସାରିଲେଣି । ତେଣୁ ଅବସର ଗ୍ରହଣ ବା ମୃତ୍ୟୁ ବରଣ କରିଥିବା କର୍ମଚାରୀମାନଙ୍କୁ ବକେୟା ରାଶି ଯଥାଶିଘ୍ର ପ୍ରଦାନ କରାଯିବାକୁ ପ୍ରସ୍ତାବ ଦେଇଥିଲେ ମଧ୍ୟ ବୈଠକ ବିବରଣୀରେ ସ୍ଥାନ ପାଇନଥିବାରୁ କ୍ଷୋଭ ପ୍ରକାଶ କରିବା ସହିତ ଯଥାଶିଘ୍ର ଉକ୍ତ କର୍ମଚାରୀମାନଙ୍କ ବକେୟା ଦେୟ ପ୍ରଦାନ କରାଯିବାକୁ ପ୍ରସ୍ତାବ ଦେଇଥିଲେ । ୨୦୧୮-୧୯ ଆର୍ଥିକ ବର୍ଷ ବଜେଟ ଆଲୋଚନାରେ ଅଂଶ ଗ୍ରହଣ କରି କହିଥିଲେ ୨୦୧୫-୧୬ ଆର୍ଥିକ ବର୍ଷର ବଜେଟରେ ମୋଟ ୬୯,୧୨,୧୦,୦୦/- ଥିବା ବେଳେ ଚଳିତ ୨୦୧୮-୧୯ ଆର୍ଥିକ ବର୍ଷ ବଜେଟରେ ମୋଟ ଆୟ ୩୧୨ କୋଟି ରେ ପହଁଚି ପାରିଛି । ନିଗମ ନିଜସ୍ୱ ଆୟ ଦିଗରେ ବହୁ ପରିବର୍ତନ ଆଣିଥିଲେ ମଧ୍ୟ ଆୟ ବୃଦ୍ଧି ଦିଗରେ ଆହୁରି ଅନେକ ସୁଯୋଗ ରହିଅଛି । ୨୦୧୪-୧୫ ଆର୍ଥିକ ବର୍ଷରେ ଟିକସ ୪କୋଟି ୫୯ଲକ୍ଷ ୧୮ ହଜାର ଥିବା ବେଳେ ୨୦୧୭-୧୮ ଆର୍ଥିକ ବର୍ଷର ୯ ମାସ ମଧ୍ୟରେ ୧୬ କୋଟି ଟଙ୍କା ଆଦାୟ କରିପାରିଛି । ଚଳିତ କାଉନସିଲରେ ଆୟ ଦିଗରେ ବହୁ ଉନ୍ନତି ପରିଲକ୍ଷିତ ହୋଇଥିଲେ ମଧ୍ୟ ନିଗମର ବିଭିନ୍ନ ସ୍ଥାନରେ କଲ୍ୟାଣ ମଣ୍ଡପ, ମାର୍କେଟ କମ୍ପଲେକ୍ସ, ପିଣ୍ଡି ଆଦି ନିର୍ମାଣ କରାଯିବା ନିମନ୍ତେ ପ୍ରଦକ୍ଷେପ ଗ୍ରହଣ କରାଗଲେ ନିଗମର ନିଜସ୍ୱ ଆୟ ବୃଦ୍ଧି ପାଇପାରିବ । ନିଗମର ନିଜସ୍ୱ ଆୟ ବୃଦ୍ଧି ଘଟୁଥିଲେ ମଧ୍ୟ ପ୍ରବେଶ ଶୁଳ୍କ କମିଯାଇଛି । ସରକାରୀ ଅନୁଦାନ ଅଧିକ ଆଣିବା ନିମନ୍ତେ ଉଦ୍ୟମ କରାନଗଲେ ନିଗମର କିଭଳି ଉନ୍ନତି କରାଯାଇପାରିବ । ସେଥିପାଇଁ ମେୟର ଏବଂ କମିଶନର ରାଜ୍ୟ ସରକାରଙ୍କ ସ୍ତରରେ ଉଦ୍ୟମ ଜାରି ରଖିଲେ

ନିଗମକୁ ଅଧିକରୁ ଅଧିକ ଅନୁଦାନ ମିଳିପାରିବ ବୋଲି ମତବ୍ୟକ୍ତ କରିଥିଲେ । ୱାର୍ଡ଼ ୱାରୀ ୫୦ ଲକ୍ଷ ଟଙ୍କା ଅନୁଦାନରେ ହେବାକୁ ଥିବା କାର୍ଯ୍ୟକୁ ତ୍ୱରାନ୍ୱିତ କରାଯିବା ସହିତ ୨୦୧୮-୧୯ ଆର୍ଥିକ ବର୍ଷ ପାଇଁ ପ୍ରତ୍ୟେକ ୱାର୍ଡ଼ର ଉନ୍ନତି କରଣ ନିମନ୍ତେ ୫୦ ଲକ୍ଷ ସ୍ୱତନ୍ତ୍ର ପ୍ୟାକେଜ ଘୋଷଣା କରାଯିବା ନିମନ୍ତେ ପ୍ରସ୍ତାବ ଦେଇଥିଲେ । ବିଗତ ୪ ବର୍ଷ ଧରି ସମସ୍ତ କର୍ପୋରେଟର ମାନେ ପରିଷଦ ବୈଠକରେ ଦାବି ଉପସ୍ଥାପନା କରିଆସୁଥିବା ୱାର୍ଡ଼ ୱାରୀ ହୋଡ଼ିଂ ତାଲିକା ତୁରନ୍ତ ପ୍ରଦାନ କରାଯିବାକୁ ପ୍ରସ୍ତାବ ଦେଇଥିଲେ । କଲ୍ୟାଣ ମଣ୍ଡପ ମାର୍କେଟ କମ୍ପ୍ଲେକ୍ସ ନିର୍ମାଣ କରାଯିବା ନିମନ୍ତେ ଯେଉଁ ସ୍ଥାନରେ Land Clearance ନାହିଁ ସେ ଗୁଡ଼ିକୁ ଅନୁଧ୍ୟାନ କରାଯାଇ ସମାଧାନର ସୂତ୍ର ବାହାର କରାଯିବା ସହିତ ପ୍ରକଳ୍ପ ନିର୍ମାଣ କରାଯିବାକୁ ପ୍ରସ୍ତାବ ଦେଇଥିଲେ । ମାର୍କେଟ କମ୍ପ୍ଲେକ୍ସ ବା ଷ୍ଟ୍ରିଟ ଭେଣ୍ଡର ନିର୍ମାଣ କରାଯିବା ନିମନ୍ତେ ପୂର୍ବରୁ କିଭଳି ବିଭିନ୍ନ କାର୍ଯ୍ୟାଳୟ NOC ପ୍ରଦାନ କରୁଥିଲେ କିନ୍ତୁ ବର୍ତ୍ତମାନ କାହିଁକି କରାଯାଉନାହିଁ । ସେଥିପାଇଁ ଅଧିକାରୀ ସ୍ତରରେ Convince କରାଯାଇ କାର୍ଯ୍ୟ କରାଯିବାକୁ ପ୍ରସ୍ତାବ ଦେଇଥିଲେ । ସେହପରି ନିଗମ ଅଂଚଳରେ କେତେକ ସଂସ୍ଥା ଟାୱାର ନିର୍ମାଣ କରିଥିବାର ଦୃଷ୍ଟିଗୋଚର ହୋଇଥିବାରୁ କିଭଳି ଉକ୍ତ ସଂସ୍ଥା ଦ୍ୱାରା ବିନା ଲାଇସେନ୍ସରେ ଟାୱାର ସ୍ଥାପନ କରାଯାଇଛି । ତୁରନ୍ତ ଅନୁଧ୍ୟାନ କରାଯାଇ କେଉଁ ୱାର୍ଡ଼ରେ କେତେ ଟାୱାର ସ୍ଥାପନ କରାଯାଇଛି ତାହାର ଏକ ତାଲିକା ସମସ୍ତ କର୍ପୋରେଟର ମାନଙ୍କୁ ପ୍ରଦାନ କରାଯିବାକୁ ପ୍ରସ୍ତାବ ଦେଇଥିଲେ ।

ଶ୍ରୀମତୀ ରାଜ କୁମାରୀ ସ୍ୱାଇଁ, କର୍ପୋରେଟର, ୱାର୍ଡ଼ ନଂ-୫୮ ଆଲୋଚନାରେ ଅଂଶ ଗ୍ରହଣ କରି କହିଥିଲେ ସମସ୍ତ କର୍ପୋରେଟର ମାନଙ୍କୁ ହୋଡ଼ିଂ ତାଲିକା ପ୍ରଦାନ କରାଯିବାକୁ ବୈଠକରେ ନିଷ୍ପତି ଗ୍ରହଣ କରାଯାଇଥିଲେ ସୁଦ୍ଧା କାହିଁକି ହୋଡ଼ିଂ ତାଲିକା ପ୍ରଦାନ କରାଗଲା ନାହିଁ । ତେଣୁ ୭ ଦିନ ମଧ୍ୟରେ ଯଥାଶିଘ୍ର ହୋଡ଼ି ତାଲିକା ସମସ୍ତ କର୍ପୋରେଟର ମାନଙ୍କୁ ପ୍ରଦାନ କରାଯିବାକୁ ପ୍ରସ୍ତାବ ଦେଇଥିଲେ । ନିଗମର ଆୟ ବୃଦ୍ଧି କରାଯିବା ନିମନ୍ତେ ଅନେକ ସୁଯୋଗ ରହିଥିଲେ ମଧ୍ୟ ଆନ୍ତରିକତା ଅଭାବରୁ ନିଗମର ଆୟ ବୃଦ୍ଧି ହୋଇପାରୁନାହିଁ । ତେଣୁ ଅଧିକାରୀ ମାନେ ତତ୍ପରତା ପ୍ରକାଶ କରି ନିଗମର ଆୟ ବୃଦ୍ଧି ଦିଗରେ ପଦକ୍ଷେପ ଗ୍ରହଣ କରିବା ସହିତ ନିଗମ ଅଂଚଳରେ କଲ୍ୟାଣ ମଣ୍ଡପ ମାର୍କେଟ କମ୍ପ୍ଲେକ୍ସ ନିର୍ମାଣ ନିମନ୍ତେ ପଦକ୍ଷେପ ଗ୍ରହଣ କରିବାକୁ ପ୍ରସ୍ତାବ ଦେଇଥିଲେ । ସେହିପରି ସଦର ଥାନା ନିକଟରେ ଥିବା ନିଗମର ଖାଲି ଜମିରେ ଏକ କଲ୍ୟାଣ ମଣ୍ଡପ ନିର୍ମାଣ ନିମନ୍ତେ ବାରମ୍ୱାର ପ୍ରସ୍ତାବ ଆଗତ କରାଗଲେ ମଧ୍ୟ କୌଣସି ପଦକ୍ଷେପ ଗ୍ରହଣ କରାଯାଇନଥିବାରୁ ଯଥାଶିଘ୍ର ଏ ଦିଗରେ ବିଶେଷ ଧ୍ୟାନ ଦେବାକୁ ପ୍ରସ୍ତାବ ଦେଇଥିଲେ ।

ଆଲୋଚନାରେ ଅଂଶ ଗ୍ରହଣ କରି ସଦସ୍ୟା ଶ୍ରୀମତୀ ଏ. ଶ୍ରୀଦେବୀ ବଜେଟ ମଧ୍ୟରେ ସମସ୍ତ କ୍ଷେତ୍ର ପ୍ରତି ଗୁରୁତ୍ୱ ପ୍ରଦାନ କରାଯାଇଥିବାରୁ, ଏହାକୁ ସ୍ୱାଗତ କରି କଟକ ସହରରେ ପ୍ଲାଷ୍ଟିକର ବହୁଳ ବ୍ୟବହାର ଯୋଗୁ ପରିବେଶ ପ୍ରଦୁଶିତ ହେଉଥିବା ବେଳେ ନାଳ ନର୍ଦ୍ଦମାର ଜଳ ନିଷ୍କାସନରେ ବାଧା ସୃଷ୍ଟି ହେଉଅଛି । ତେଣୁ ଅନ୍ୟ ମହାନଗର ନିଗମ ଭଳି କଟକ ସହରରେ ପ୍ଲାଷ୍ଟିକ ନିଷିଦ୍ଧ କରାଯିବା ନିମନ୍ତେ Plastic Management କୁ ବଜେଟରେ ସ୍ଥାନ ଦିଆଯାଇନାହିଁ । ତେଣୁ ଉକ୍ତ ପ୍ରସ୍ତାବକୁ ବଜେଟରେ ସ୍ଥାନ ଦେବାକୁ ପ୍ରସ୍ତାବ ଦେଇଥିଲେ । ନିଗମ ଅଂଚଳରେ ନୂତନ ପାର୍କ ନିର୍ମାଣ ତଥା ପାର୍କ ଗୁଡ଼ିକର ଉନ୍ନତି କରଣ ନିମନ୍ତେ ସରକାରୀ ଅନୁଦାନ ଅଣାଯିବା ପାଇଁ ବଜେଟରେ ବ୍ୟବସ୍ଥା କରାଯିବା ସହିତ ସ୍ୱତନ୍ତ୍ର ଅନୁଦାନର ବ୍ୟବସ୍ଥା କରାଯିବା ପାଇଁ ପ୍ରସ୍ତାବ ଆଗତ କରାଗଲା ।

ସଦସ୍ୟ ଶ୍ରୀଯୁକ୍ତ ନିରୋଦ ଚନ୍ଦ୍ର ପଣ୍ଡା, କର୍ପୋରେଟର, ୱାର୍ଡ଼ ନଂ-୪୮, ଆଲୋଚନାରେ ଅଂଶ ଗ୍ରହଣ କରି କହିଥିଲେ ନିଗମର ଆୟ ବୃଦ୍ଧି ନିମନ୍ତେ ବାରମ୍ୱାର ଆଲୋଚନା କରାଯାଉଥିବା ବେଳେ ଦୋକାନ ଗୃହ ଗୁଡ଼ିକର ଭଡ଼ା ବର୍ଷକୁ ବର୍ଷ ବୃଦ୍ଧି ହେବା ବଦଳରେ କମି କମି ଯାଉଛି, ସେଥିପାଇଁ କ'ଣ ପଦକ୍ଷେପ ଗ୍ରହଣ କରାଯାଇଛି ।

ଦୀର୍ଘବର୍ଷ ଧରି ବିଭିନ୍ନ ମାର୍କେଟ କମ୍ପ୍ଲେକ୍ସର ୨୦ ବର୍ଷ ତଳର ଯାହା ଭଡ଼ା ଧାର୍ଯ୍ୟ କରାଯାଇଥିଲା ସେଥିରେ ଭଡ଼ା ବୃଦ୍ଧି କରାଯାଉନାହିଁ । ଦୋକାନ ଗୃହ ବଣ୍ଟନର କାଗଜପତ୍ର ମିଳୁନାହିଁ ଏବଂ ଅତ୍ୟନ୍ତ ନିମ୍ନସ୍ତରର ଭଡ଼ା ମାସିକ ୧୨ ଟଙ୍କା ୨୭ ଟଙ୍କା ଆଜିର ଦୁନିଆରେ ଏତେ କମ୍ ଭଡ଼ା ଆଦାୟ କରାଯିବା ବିଡ଼ମ୍ବନାର ବିଷୟ, ଦ୍ୱିତୀୟ ପରିତାପର ବିଷୟ ଏତେ କମ୍ ସଂଖ୍ୟକ ଭଡ଼ା ମଧ୍ୟ କେତେକ ବ୍ୟବସାୟୀ ନିଗମକୁ ଭଡ଼ା ପ୍ରଦାନ କରୁନାହାଁନ୍ତି । ଅନେକ ସ୍ଥାନରେ ମଧ୍ୟ ବେଆଇନ ଭାବେ କିଛି ବ୍ୟବସାୟୀ ଦୋକାନ ଗୃହ ମାଡ଼ିବସିଛନ୍ତି । ଏ ସମସ୍ତ ବିଷୟରେ ଅନୁଧ୍ୟାନ କରାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ସହିତ ନୂତନ ଚୁକ୍ତିନାମା ମାଧ୍ୟମରେ ଭଡ଼ାବୃଦ୍ଧି କରାଯିବାକୁ ପ୍ରସ୍ତାବ ଦେଇଥିଲେ । ସେହିପରି ଜଗତପୁର ଠାରେ ଜମି ଉପଲବ୍ଧ ଥିଲେ ମଧ୍ୟ ଦୋକାନ ଗୃହ କିମ୍ବା କଲ୍ୟାଣ ମଣ୍ଡପ ନିର୍ମାଣ କରାଯିବା ନିମନ୍ତେ ବାରମ୍ବାର ପ୍ରସ୍ତାବ ଆଗତ କରାଗଲେ ମଧ୍ୟ ପଦକ୍ଷେପ ଗ୍ରହଣ କରାଯାଉନାହିଁ । ତେଣୁ ୱାର୍ଡ଼ ନଂ-୪୮ ଅଂଚଳରେ ଜାଗା ଚିହ୍ନଟ କରାଯାଇ ପ୍ରକଳ୍ପ କାର୍ଯ୍ୟ ଆରମ୍ଭ କରାଯିବାକୁ ପ୍ରସ୍ତାବ ଦେଇଥିଲେ । ୨୦୧୮-୧୯ ଆର୍ଥିକ ବର୍ଷ ବଜେଟରେ ବିଗତ ବଜେଟର ଆୟ ବ୍ୟୟ ଅଟକଳ ଠାରୁ ଅଧିକ ବ୍ୟୟ କିଭଳି ବିନା Suplimentary Budget ରେ ଖର୍ଚ୍ଚ କରାଗଲା । ଏ ବିଷୟରେ ଅନୁମତି କିଏ ଦେଲା ଏବଂ କାଉନସିଲର ବିନା ଅନୁମୋଦନରେ କିଭଳି ଭାବେ ମନମୁଖି ଖର୍ଚ୍ଚ କରାଗଲା ତାହାର ତଥ୍ୟ ଆୟୁକ୍ତଙ୍କ ଠାରୁ ଜାଣିବାକୁ ଚାହିଁଥିଲେ । ନିଗମ ଅଂଚଳରେ ପୂଜା ଖର୍ଚ୍ଚ ଏକ ଜରୁରୀ ନଥିବା ବେଳେ କିଭଳି ଅଧିକ ବ୍ୟୟ କରାଗଲା । ଅନୁନ୍ନତ ୬ ଗୋଟି ୱାର୍ଡ଼ ଯଥା-୪୮, ୪୯, ୫୬, ୫୭, ୫୮, ୫୯ ୱାର୍ଡ଼ ଗୁଡ଼ିକର ଉନ୍ନତି କରଣ ନିମନ୍ତେ ସ୍ୱତନ୍ତ୍ର ବଜେଟ ବ୍ୟବସ୍ଥା କରାଯାଇନଥିବାରୁ କ୍ଷୋଭ ପ୍ରକାଶ କରିବା ସହ ବଜେଟରେ ଏଥିପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯିବାକୁ ପ୍ରସ୍ତାବ ଦେଇଥିଲେ ।

ସଦସ୍ୟା ଶ୍ରୀମତୀ ପ୍ରଳୟା ବେଉରା, କର୍ପୋରେଟର, ୱାର୍ଡ଼ ନଂ-୪୬ ଆଲୋଚନାରେ ଅଂଶ ଗ୍ରହଣ କରି କହିଥିଲେ ୱାର୍ଡ଼ ୱାରୀ ହୋଡ଼ିଂ ତାଲିକା ପ୍ରଦାନ କରାଗଲା ନାହିଁ । ଶହ ଶହ ବେନାମୀ ହୋଡ଼ି ଲାଗି ଚାଲିଥିବା ବେଳେ ସେମାନଙ୍କ ପ୍ରତି କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନାହିଁ । ବିଭିନ୍ନ ସଂସ୍ଥା ଉପରେ ଲକ୍ଷ ଲକ୍ଷ ଟଙ୍କା ବାକି ପଡ଼ିଛି । ସେମାନଙ୍କ ବିରୁଦ୍ଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନାହିଁ କିନ୍ତୁ ଯେଉଁ ସଂସ୍ଥାମାନେ ଟିକସ ପ୍ରଦାନ କରୁଛନ୍ତି ସେମାନଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଛି । ଅଧିକାରୀମାନଙ୍କ ଟାଳଟୁଳନୀତି ପାଇଁ ନିଗମ ଆର୍ଥିକ କ୍ଷତି ସହୁଛି । ତେଣୁ ୱାର୍ଡ଼ ୱାରୀ ହୋଡ଼ିଂ ତାଲିକା ପ୍ରଦାନ କରାଯିବା ସହ ବକେୟା ଆଦାୟ ନିମନ୍ତେ ପଦକ୍ଷେପ ଗ୍ରହଣ କରାଯିବାକୁ ପ୍ରସ୍ତାବ ଦେଇଥିଲେ । ୱାର୍ଡ଼ରେ ଜିଓ କମ୍ପାନି ଦ୍ୱାରା ମୋବାଇଲ ଟାୱାର ବସାଯାଇଛି, ତେବେ କାହା ଅନୁମତିରେ ଏହି କାର୍ଯ୍ୟ କରାଯାଇଛି ସେ ସମ୍ବନ୍ଧରେ ଆୟୁକ୍ତଙ୍କ ଠାରୁ ଜାଣିବାକୁ ଚାହିଁଥିଲେ ।

ଚଳିତ ୨୦୧୮-୧୯ ଆର୍ଥିକ ବର୍ଷ ବଜେଟରେ ଗ୍ରୀଭାନ୍‌ସ ଆଣ୍ଡ ସୋସିଆଲ ଜଷ୍ଟିସ ଷ୍ଟାଣ୍ଡିଂ କମିଟିର ଅଧ୍ୟକ୍ଷା ଶ୍ରୀଯୁକ୍ତା ଚିତ୍ରା ଖୁଣ୍ଟିଆ ଅଂଶ ଗ୍ରହଣ କରି କହିଥିଲେ ନିଗମର ନିଜସ୍ୱ ଜାଗାରେ ମାର୍କେଟ କମ୍ପ୍ଲେକ୍ସ ନିର୍ମାଣ କରାଯିବା ନିମନ୍ତେ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରାଯିବାକୁ ପ୍ରସ୍ତାବ ଦେବା ସହ ନିଗମର ବିଶ୍ୱନାଥ ପଣ୍ଡିତ କେନ୍ଦ୍ରୀୟ ପାଠାଗାର ପଛ ପଟେ ନିଗମର ଜମିରେ ଏକ କଲ୍ୟାଣ ମଣ୍ଡପ ନିର୍ମାଣ କରାଯିବାକୁ ପ୍ରସ୍ତାବ ଦେଇଥିଲେ ।

ସଦସ୍ୟ ଶ୍ରୀଯୁକ୍ତ ଶିବ ପ୍ରସାଦ ଦଳାଇ, କର୍ପୋରେଟର, ୱାର୍ଡ଼ ନଂ-୧୨ଆଲୋଚନା ଅଂଶ ଗ୍ରହଣ କରି , ସତୀଚୌରା ଛକ ଠାରେ ଥିବା ନିଗମର ୧୬ ଗୁଣ୍ଠ ଜମିରେ ଏକ କଲ୍ୟାଣ ମଣ୍ଡପ ନିର୍ମାଣ କରାଯିବା ନିମନ୍ତେ ବାରମ୍ବାର ଆଲୋଚନା କରାଯାଇ ପ୍ରସ୍ତାବ ପାରିତ ହୋଇଥିଲେ ମଧ୍ୟ କୌଣସି କାର୍ଯ୍ୟକାରୀ କରାଯାଉନାହିଁ । ଯଥାଶିଘ୍ର ଉକ୍ତ ସ୍ଥାନରେ କଲ୍ୟାଣ

ମଣ୍ଡପ ନିର୍ମାଣ କରାଗଲେ ନିଗମର ଆୟ ବୃଦ୍ଧିରେ ସହାୟକ ହୋଇପାରିବ ବୋଲି ପ୍ରସ୍ତାବ ଦେଇଥିଲେ ।

ସଦସ୍ୟା ଶ୍ରୀମତୀ ଇତିଶ୍ରୀ ଦାସ, କର୍ପୋରେଟର, ୱାର୍ଡ଼ ନଂ-୨୭ ଆଲୋଚନା ଅଂଶ ଗ୍ରହଣ କରି କହିଥିଲେ ୱାର୍ଡ଼ରେ ପ୍ରାୟତଃ ୧୦ ଜଣ ମେହେନ୍ତର ଅବସର ଗ୍ରହଣ ଏବଂ ମୃତ୍ୟୁ ବରଣ କରିବା ପରେ ୱାର୍ଡ଼କୁ ମେହେନ୍ତର ଯୋଗାଇଦେବା ନିମନ୍ତେ ବାରମ୍ବାର ପ୍ରସ୍ତାବ ଦେଲେ ମଧ କାର୍ଯ୍ୟକାରୀ କରାଯାଉନାହିଁ । ଏ ବାବଦରେ ପ୍ରତିଷ୍ଠାନ ଷ୍ଟାଣ୍ଡିଙ୍ଗ କମିଟିରେ ୨ ଜଣ କୁଲି ଯୋଗାଇଦେବା ପାଇଁ ପ୍ରସ୍ତାବ ପାରିତ ହୋଇଥିଲେ ମଧ ୨ ଜଣ ମେହେନ୍ତର ଯୋଗାଇଦିଆଗଲା ନାହିଁ । ଏ ବାବଦରେ File Putup କରାଯାଇଥିଲେ ମଧ କାହିଁକି ପଦକ୍ଷେପ ଗ୍ରହଣ କରାଯାଉନାହିଁ ବୋଲି କମିଶନରଙ୍କ ଠାରୁ ଜାଣିବାକୁ ଚାହିଁଥିଲେ । ୱାର୍ଡ଼ର ବିଭିନ୍ନ ସ୍ଥାନରେ ଲାଇଟ ଜଳୁନଥିବାରୁ ଏ ବାବଦରେ ବାରମ୍ବାର ଅଭିଯୋଗ କଲେ ମଧ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନାହିଁ । ଅଦ୍ୟାବଧି ଏଲ୍‌ଇଡ଼ି ଲଗାଯିବା ନିମନ୍ତେ ସର୍ଭେ ମଧ କରାଯାଇନାହିଁ । ନିକଟ ୱାର୍ଡ଼ରେ ଏଲ୍‌ଇଡ଼ି ଲାଗୁଥିବା ବେଳେ ୱାର୍ଡ଼ବାସୀ ପ୍ରଶ୍ନ କରୁଛନ୍ତି । ତେଣୁ ୭ ଦିନ ମଧରେ ସର୍ଭେ କରାଯାଇ ଯଥାଶିଘ୍ର ଏଲ୍‌ଇଡ଼ି ଲାଇଟ ଯଦି ନଲଗାଯାଏ ସେଥିପାଇଁ ୱାର୍ଡ଼ବାସୀ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରିବେ ବୋଲି ସୂଚାଇଦେଇଥିଲେ ।

ଚୌଦ୍ୱାର କଟକ ବିଧାୟକଙ୍କ ପ୍ରତିନିଧି ଶ୍ରୀଯୁକ୍ତ ଚୌଧୁରୀ ସୁବ୍ରତ ଘଡ଼ାଇ, ଆଲେଚନା ଅଂଶ ଗ୍ରହଣ କରି କହିଥିଲେ ନିଗମର ଗୃହ ଟିକସ ବୃଦ୍ଧି ପାଉଥିବାରୁ ଏହାର ଶ୍ରେୟ ମାନ୍ୟବର ଡ଼େପୁଟି ମେୟରଙ୍କୁ ଦିଆଯିବା ସହ ତାଙ୍କ ଉଦ୍ୟମ ବଳରେ ବିଗତ ୯ ମାସ ମଧରେ ଟାର୍ଗେଟ ଠାରୁ ଅଧିକ ଟିକସ ନିଗମ ଆଦାୟ କରିପାରିଛି ଏବଂ ଗୃହ ଟିକସରେ Duplicate Receipt କଟାଯାଉଥିବାରୁ ଅଭିଯୋଗ ହେଉଅଛି । ତେଣୁ ଗୃହ ଟିକସକୁ Data Base ପରିସରକୁ ଅଣାଗଲେ ଏଭଳି ସମସ୍ୟା ରହିବ ନାହିଁ । ବଜେଟ ପ୍ରସ୍ତୁତିରେ ଖାଲି ସ୍ଥାନ କାହିଁକି ଛଡ଼ାଯାଇଛି । ମୋବାଇଲ ଟାୱାର ବାବଦରେ ୬୫ ଲକ୍ଷ ଟଙ୍କା ଆଦାୟ ପାଇଁ ଧାର୍ଯ୍ୟ କରାଯାଇଥିବା ବେଳେ ଗୋଟିଏ ଟଙ୍କା ଏ ବାବଦରେ କାହିଁକି ଆଦାୟ କରାଯାଇନାହିଁ ବୋଲି ଜାଣିବାକୁ ଚାହିଁଥିଲେ ।

ସଦସ୍ୟ ଶ୍ରୀଯୁକ୍ତ ବିକାଶ ରଂଜନ ବେହେରା, ଅଧକ୍ଷ, ଲାଇସେନ୍ସ ଆଣ୍ଡ ଅପିଲ ଷ୍ଟାଣ୍ଡିଂ କମିଟି, ଆଲୋଚନାରେ ଅଂଶ ଗ୍ରହଣ କରି କହିଥିଲେ, ୨୦୧୭-୧୮ ଆର୍ଥିକ ବର୍ଷରେ ନିଗମର ବହୁ ଅର୍ଥ ଅପଚୟ ହୋଇଛି । ଯଥା-କୁଲି, ମାଳି, ମେହେନ୍ତର ଆଦି ଆବଶ୍ୟକତାଠାରୁ ଅଧିକ Falls Bill କରାଯାଇ ଅର୍ଥ ଅପଚୟ କରାଯାଇଛି । ନିଗମ ଅଂଚଳରେ ବର୍ଷାଜଳ ନିଷ୍କାସନ ନିମନ୍ତେ ବ୍ୟବହାର କରାଯାଇଥିବା ପମ୍ପ ବାବଦରେ ଆବଶ୍ୟକତା ଠାରୁ ବହୁ ଅଧିକ ଖର୍ଚ୍ଚ କରାଯାଇଥିବାର ଅଭିଯୋଗ ହେଉଅଛି । ସେହିପରି ନିଗମର ନିଜସ୍ୱ ଗାଡ଼ି ଖରାପ ହୋଇ ପଡ଼ିରହିଛି ଏବଂ ଉଚ୍ଛେଦ କରାଯାଇଥିବା ଲାଇଟ, ହୋଡ଼ିଂ ଆଦି ପଡ଼ି ନଷ୍ଟ ହେଇଯାଉଥିବାରୁ ସେ ଗୁଡ଼ିକୁ ନିଲାମ କରାଯିବା ନିମନ୍ତେ ପ୍ରସ୍ତାବ ଦେଇଥିଲେ । ନିଗମରେ ଆର୍ଟ ଗ୍ୟାଲେରୀ ନିର୍ମାଣ କରାଯିବା ପାଇଁ ବାରମ୍ବାର ପ୍ରସ୍ତାବ ଆଗତ କରାଯାଇ ନିଷ୍ପତି ଗ୍ରହଣ କରାଯାଇଥିଲେ ମଧ କାହିଁକି ଉକ୍ତ କାର୍ଯ୍ୟ କରାଯାଉନାହିଁ । ସେଥିପାଇଁ ଏକ ବୈଠକ କରାଯାଇ ପଦକ୍ଷେପ ଗ୍ରହଣ କରାଯିବାକୁ ପ୍ରସ୍ତାବ ଦେଇଥିଲେ । ନିଗମର ଯନ୍ତ୍ରୀ ବିଭାଗ ଦ୍ୱାରା ଆଗତ ବଜେଟରେ ଯେଉଁ କାର୍ଯ୍ୟ କରାଯାଉନାହିଁ ସେ କାର୍ଯ୍ୟ ଗୁଡ଼ିକୁ କାହିଁକି ବାରମ୍ବାର ବଜେଟରେ ସ୍ଥାନ ଦିଆଯାଉଛି ବୋଲି ପ୍ରଶ୍ନ କରିଥିଲେ । ସେହିପରି କର୍ପୋରେଟରମାନଙ୍କୁ Exposure Visit ରେ ପଠାଯାଉନଥିବା ବେଳେ କାହିଁକି ବଜେଟରେ ଏହା ସ୍ଥାନ ପାଇଛି ବୋଲି କମିଶନରଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ । ନିଗମ ଅଂଚଳରେ ସଫେଇ କାର୍ଯ୍ୟ ନିମନ୍ତେ ବର୍ଯ୍ୟବସ୍ତୁ ଟେଣ୍ଡର ବାର୍ଷିକ ୨୨୫ କୋଟି ଟଙ୍କାର ବ୍ୟବସ୍ଥା କିଭଳି କରାଯାଇଛି ଏବଂ କେଉଁ ଅନୁଦାନରୁ ଏତେ ଅର୍ଥ ବରାଦ କରାଯାଇଛି ।

ସରକାରୀ ଅନୁଦାନ କେତେ ଟଙ୍କା ଏବଂ ନିଗମକୁ କେତେ ଟଙ୍କା ଦେବାକୁ ପଡ଼ିବ ତାହାର ସମସ୍ତ ତଥ୍ୟ ଉପସ୍ଥାପନା କରାଯିବା ନିମନ୍ତେ ପ୍ରସ୍ତାବ ଦେଇଥିଲେ ।

ଏହାପରେ ଏହି ବଜେଟକୁ ସଦସ୍ୟ / ସଦସ୍ୟା ମାନେ ସମର୍ଥନ କରିଥିବାରୁ, ବୈଠକରେ ଉପସ୍ଥିତ ଥିବା ସମସ୍ତ ସଦସ୍ୟ / ସଦସ୍ୟା, ତଥା ଅଧିକାରୀମାନଙ୍କୁ ମାନ୍ୟବର ମେୟର ତଥା ଗୃହର ଅଧକ୍ଷା କୃତଜ୍ଞତା ଜ୍ଞାପନ କରିଥିଲେ । ଯେଉଁ ଯେଉଁ ଓ୍ୱାର୍ଡ଼ ମାନଙ୍କରେ ଆବଶ୍ୟକଥିବା ରାସ୍ତା ତଥା ଡ୍ରେନ ଗୁଡ଼ିକର କାର୍ଯ୍ୟ ନିମନ୍ତେ ସମସ୍ତ ସଦସ୍ୟମାନେ ଉପଯୁକ୍ତ ପ୍ରସ୍ତାବ ପ୍ରଦାନ କରିବାକୁ ପରାମର୍ଶ ଦେଇଥିଲେ । ଯେଉଁ ଯେଉଁ ଓ୍ୱାର୍ଡ଼ ଗୁଡ଼ିକରେ ସେଣ୍ଟ୍ରାଲ ପ୍ରୋଜେକ୍ଟ ଦିଆଯାଇନାହିଁ, ଆବଶ୍ୟକୀୟ ପ୍ରସ୍ତାବ ଗୁଡ଼ିକ ପ୍ରଦାନ କଲେ ଅଗ୍ରାଧିକାର ଭିତିରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ । ଏ ବାବଦରେ ମାନ୍ୟବର ସାଂସଦ ତଥା ବିଧାୟକଙ୍କ ଅନୁଦାନ ପାଣ୍ଠିରୁ ବ୍ୟବସ୍ଥା କରାଯିବା ସହ ସମସ୍ତ କର୍ପୋରେଟର ମାନଙ୍କର ଦାବି ଉପସ୍ଥାପନ କରାଯାଇ ସମସ୍ୟାର ସମାଧାନ ନିମନ୍ତେ ଆଲୋକ ପାତ କରିଥିଲେ । ମାନ୍ୟବର ଡ଼େପୁଟି ମେୟର ତଥା ଅଧକ୍ଷ ଟ୍ୟାକ୍ସେସନ ଫାଇନାନ୍ସ ଆଣ୍ଡ ଆକାଉଣ୍ଟସ୍ ଷ୍ଟାଣ୍ଡିଙ୍ଗ କମିଟି ଏବଂ ଏହାର ସମସ୍ତ ସଦସ୍ୟ / ସଦସ୍ୟା ତଥା ସମସ୍ତ ଷ୍ଟାଣ୍ଡିଙ୍ଗ କମିଟିର ଅଧକ୍ଷ / ଅଧକ୍ଷା ମାନଙ୍କ ଦ୍ୱାରା ବଜେଟର ସମସ୍ତ ଦିଗକୁ ପର୍ଯ୍ୟାଲୋଚନା ଏବଂ ପୁଙ୍ଖାନୁପୁଙ୍ଖ ଅନୁଧ୍ୟାନ କରାଯାଇ ଏକ ଲୋକାଭିମୂଖି ବଜେଟକୁ ଆଲୋଚନା କରାଯାଇଥିବାରୁ, ମାନ୍ୟବର ମେୟର ସମସ୍ତଙ୍କୁ ଧନ୍ୟବାଦ ମଧ ଜ୍ଞାପନ କରିଥିଲେ । ନିଗମର ନିଜସ୍ୱ ଆୟ ବୃଦ୍ଧି ନିମନ୍ତେ ବିଭିନ୍ନ ସଦସ୍ୟ / ସଦସ୍ୟା ମାନେ ପ୍ରଦାନ କରିଥିବା ପ୍ରସ୍ତାବ ଗୁଡ଼ିକ କାର୍ଯ୍ୟକାରୀ କରାଯିବା ସଙ୍ଗେ ସଙ୍ଗେ, ଏ ଦିଗରେ ସମସ୍ତ କର୍ପୋରେଟର ମାନଙ୍କର ସହଯୋଗ ଏବଂ ନିଗମର ସମସ୍ତ ଅଧିକାରୀ ତଥା କର୍ମଚାରୀ ମାନେ ନିଷ୍ଠାର ସହ କାର୍ଯ୍ୟ କରିବାକୁ ସେ ମଧ ପରାମର୍ଶ ଦେଇଥିଲେ । ଏହାପରେ ସମସ୍ତଙ୍କୁ ଧନ୍ୟବାଦ ଜ୍ଞାପନ ସହ ସଭାସାଙ୍ଗ କରାଯାଇଥିଲା ।

**ବୈଠକର ଉପରୋକ୍ତ ଆଲୋଚନା ଅନୁଯାୟୀ ନମ୍ନଲିଖିତ ନିଷ୍ପତି ଗୁଡ଼ିକ ସର୍ବସମତି କ୍ରମେ ପାରିତ କରାଗଲା ।**

୧. କଟକ ମହାନଗର ନିଗମର ୨୦୧୮-୧୯ ଆର୍ଥିକ ବର୍ଷ ନିମନ୍ତେ ବଜେଟ ସମ୍ପର୍କରେ ଆଲୋଚନା କରାଯାଇ, ସମ୍ପୃକ୍ତ ବିଭାଗୀୟ ପ୍ରସ୍ତାବ ଗୁଡ଼ିକ ତା ୨୬.୦୨.୨୦୧୮ରିଖ ଫାଇନାନ୍ସ ଷ୍ଟାଣ୍ଡିଙ୍ଗ କମିଟି ଦ୍ୱାରା ସୁପାରିଶ କରାଯାଇଥିବା ନିଗମର ଚିଠା ବଜେଟକୁ ସମସ୍ତ ସଦସ୍ୟ / ସଦସ୍ୟା ମାନଙ୍କ ଅବଗତ ତଥା ଆଲୋଚନା ନିମନ୍ତେ ଗୃହରେ ଉପସ୍ଥାପନ କରାଯାଇଥିଲା । ଆସନ୍ତା ଆର୍ଥିକ ବର୍ଷ ୨୦୧୮-୧୯ ନିମନ୍ତେ ଟ. ୩୧୫,୦୦୦୦୦୦୦ଙ୍କା (ତିନି ଶହ ପନ୍ଦର କୋଟି) ସମ୍ଭାବ୍ୟ ଆୟ କରାଯାଇଥିବା ବେଳେ ଟ. ୩୧୦,୯୩,୩୮,୦୦୦ଙ୍କା (ତିନି ଶହ ଦଶ କୋଟି ତେୟାନବେ ଲକ୍ଷ ଅଠତିରିଶି ହଜାର) ଟଙ୍କାର ସମ୍ଭାବ୍ୟ ବ୍ୟୟ ଆକଳନ କରାଯାଇ ବୈଠକରେ ଉପସ୍ଥାପନା କରାଯାଇଥିବା ବଜେଟ ସମ୍ପର୍କରେ ବିସ୍ତୃତ ଆଲୋଚନା କରାଯାଇଥିଲା । ଆସନ୍ତା ବର୍ଷ ନିମନ୍ତେ ପ୍ରସ୍ତୁତ କରାଯାଇଥିବା ବଜେଟ ଅନୁଯାୟୀ ନିଗମର ନିଜସ୍ୱ ଆୟ ବୃଦ୍ଧି ପ୍ରତି ସ୍ୱତନ୍ତ୍ର ଧାନ ଦିଆଯାଇ, ଧାର୍ଯ୍ୟ କରାଯାଇଥିବା ଲକ୍ଷ୍ୟ ହାସଲ ନିମନ୍ତେ ସମସ୍ତ ପଦକ୍ଷେପ ଗ୍ରହଣ କରାଯାଇ କାର୍ଯ୍ୟକାରୀ କରାଯିବ । ନିଗମର ଯନ୍ତ୍ରୀ ବିଭାଗ ଦ୍ୱାରା ପ୍ରଦାନ କରାଯାଇଥିବା ପ୍ରସ୍ତାବ ଗୁଡ଼ିକ ଅନୁଧାନ କରାଯାଇ ୨୦୧୮-୧୯ ଆର୍ଥିକ ବର୍ଷ ନିମନ୍ତେ Action Plan କୁ ଏହି ବଜେଟ ମଧରେ ଅନ୍ତର୍ଭୁକ୍ତ କରାଯାଇଥିବା ସୂଚନା ଦେଇଥିଲେ । ସେହିପରି ସମସ୍ତ କର୍ପୋରେଟର ମାନେ ଉକ୍ତ ବଜେଟ ସମ୍ପର୍କରେ ସେମାନଙ୍କର ସୁଚିନ୍ତିତ ମତାମତ ପ୍ରଦାନ କରିବା ପରେ ନିଗମର ୨୦୧୮-୧୯ ଆର୍ଥିକ ବର୍ଷ ବଜେଟକୁ ସର୍ବସମ୍ମତି କ୍ରମେ ଗୃହିତ କରାଯାଇ ରାଜ୍ୟ ସରକାରଙ୍କ ଅନୁମୋଦନ ନିମନ୍ତେ ପଠାଯିବାକୁ ସ୍ଥିର କରାଗଲା ।

ସର୍ବଶେଷରେ ଉପସ୍ଥିତ ସଦସ୍ୟ / ସଦସ୍ୟାମାନେ ବୈଠକର ଉପର ବର୍ଣ୍ଣିତ ଆଲୋଚନାରେ ଅଂଶ ଗ୍ରହଣ କରି ସୁଚିନ୍ତିତ ମତାମତ ପ୍ରଦାନ କରିଥିବାରୁ ମାନ୍ୟବର ଡେପୁଟି ମେୟର ଶ୍ରୀଯୁକ୍ତ ଅଜୟ କୁମାର ବାରିକ ଧନ୍ୟବାଦ ଜ୍ଞାପନ କରିବା ପରେ ସଭା ସାଙ୍ଗ କରାଯାଇଥିଲା ।

ମୀନାକ୍ଷୀ ବେହେରା)
ମେୟର
କଟକ ମହାନଗର ନିଗମ

ଜ୍ଞାପକ ସଂ .............. ତା ..................

ଏହାର ଏକ କିତା ନକଲ ନିର୍ଦ୍ଦେଶକ, ପୌର ପ୍ରଶାସନ ଏବଂ ପଦ ପ୍ରଯୁକ୍ତ ଅତିରିକ୍ତ ଶାସନ ସଚିବ, ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ, ଓଡ଼ିଶା ସରକାର, ଭୂବନେଶ୍ୱର / ସଚୀବ, ରାଜସ୍ୱ କମିଶନର (କେନ୍ଦ୍ରାଂଚଳ), କଟକ / ଜିଲ୍ଲାପାଳ, କଟକଙ୍କ ଅବଗତି ନିମନ୍ତେ ପ୍ରେରଣ କରାଗଲା ।

ଉପ ଆୟୁକ୍ତ
କଟକ ମହାନଗର ନିଗମ, କଟକ

ଜ୍ଞାପକ ସଂ .............. ତା ..................

ଏହାର ଏକ କିତା ନକଲ କଟକ ମହାନଗର ନିଗମର ସମସ୍ତ କର୍ପୋରେଟର ମାନଙ୍କ ଅବଗତି ନିମନ୍ତେ ପ୍ରେରଣ କରାଗଲା ।

ଉପ ଆୟୁକ୍ତ
କଟକ ମହାନଗର ନିଗମ, କଟକ

ଜ୍ଞାପକ ସଂ .............. ତା ..................

ଏହାର ଏକ କିତା ନକଲ କମିଶନର / ଅତିରିକ୍ତ କମିଶନର-୧ / ଅତିରିକ୍ତ କମିଶନର-୨ / ଡ଼େପୁଟି କମିଶନର-୧,୨ / ଡ଼େପୁଟି କମିଶନର-୩ ଓ ୪ / ନଗର ଯନ୍ତ୍ରୀ / ନିର୍ବାହୀ ଯନ୍ତ୍ରୀ (୧ ଓ ୨) / ବିତ ଅଧିକାରୀ / ସଚିବ / ରିକଭରୀ ଅଫିସର / ନଗର ସ୍ୱାସ୍ଥ୍ୟ ଅଧିକାରୀ / ଉପ ନିର୍ବାହୀ ଯନ୍ତ୍ରୀ ସମସ୍ତ ସହକାରୀ ନିର୍ବାହୀ ଯନ୍ତ୍ରୀ /ସମସ୍ତ ସହକାରୀ ଯନ୍ତ୍ରୀ / ସମସ୍ତ କନିଷ୍ଠ ଯନ୍ତ୍ରୀଙ୍କ ଅବଗତି ଓ ବିହିତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ପ୍ରେରଣ କରାଗଲା ।

ଉପ ଆୟୁକ୍ତ
କଟକ ମହାନଗର ନିଗମ, କଟକ

ଜ୍ଞାପକ ସଂ .............. ତା ..................

ଏହାର ଏକ କିତା ନକଲ ଡ଼େପୁଟି ମେୟର / ମେୟରଙ୍କ ସହାୟକ ଏବଂ ନିଗମର ସମସ୍ତ ବିଭାଗୀୟ ମୁଖ୍ୟ ସହାୟକଙ୍କ ଅବଗତି ଓ ବିହିତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ପ୍ରେରଣ କରାଗଲା ।

ଉପ ଆୟୁକ୍ତ
କଟକ ମହାନଗର ନିଗମ, କଟକ

ଜ୍ଞାପକ ସଂ .............. ତା ..................

ଏହାର ଏକ କିତା ନକଲ ନିଗମର ୱେବ ସାଇଟରେ ଛଡ଼ାଯିବାକୁ. ଏମ୍ ଆଇଏସ୍ ସେଲ କୁ ପ୍ରଦାନ କରାଗଲା ।

ଉପ ଆୟୁକ୍ତ
କଟକ ମହାନଗର ନିଗମ, କଟକ